# Akashvani, Sambalpur

## SAMBALPURI NEWS MORNING BULLETIN

## 19 July 2026 - 6.47- 6.52 am.

---

ଚତୁର୍ଦ୍ଧାମୂର୍ତି ଆଡ଼ପ ମଣ୍ଡପ୍ ବିଜେ        ଆର୍ଏନ୍ୟୁ/ ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଗଲାକାଏଲ୍ ରାତି ଚତୁର୍ଦ୍ଧାମୂର୍ତି ଗୁଣ୍ଡିଚା ମନ୍ଦିର୍ ଆଡ଼ପ ମଣ୍ଡପ୍‌କେ ବିଜେ ହେଇଛନ୍ । ସେବକ୍‌ମାନେ ରଥାରୁଢ଼ ମାହାପୁରୁମାନ୍‌କୁ ଗୋଟିପହଣ୍ଡିଥି ନେଇକରି ଜନ୍ମବେଦୀଥି ଅଧିଷ୍ଠିତ କରିଛନ୍ ।  ଆଏଜ୍‌ଠାନୁ ଭକ୍ତମାନେ ମାହାପୁରୁମାନ୍‌କୁ ଗୁଣ୍ଡିଚା ମନ୍ଦିର୍ ନ ଦର୍ଶନ୍ କର୍‌ବାର୍ ସହେତେ ଆଡ଼ପ ଅବଢ଼ା ପାଏବାର୍ ସୌଭାଗ୍ୟ ଲାଭ କର୍‌ବେ । ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ନୀତି ନିର୍ଘଂଟ ଅନ୍‌ସାରେ ଆଏଜ୍ ସଖାଳ ଧୂପ ସାଢ଼େ ୧୦ ବଜେ ନୁ ୧୨ ଆଉ ଭୋଗମଣ୍ଡପ୍ ଦିନର୍ ସାଢ଼େ ୧୨ ବଜେନୁ ଦେଢ଼୍ ବଜେ ଭିତ୍‌ରେ ଶେଷ୍ ହେବା । ଇତାର୍‌ଉତ୍‌ରୁ ଭକ୍ତମାନେ ଆନନ୍ଦ ବଜାର୍ ନ ମହାପ୍ରସାଦ୍ ପାଇପାର୍‌ବେ । ଗୁଣ୍ଡିଚା ମନ୍ଦିର୍ ନ ଭକ୍ତମାନ୍‌କର୍ ଶୃଙ୍ଖଳିତ ଦର୍ଶନ୍ ଲାଗି ପ୍ରଶାସନ୍ ତର୍‌ଫୁ ସବୁ ପ୍ରକାର୍ ବନ୍ଦୋବସ୍ତ କରାଯାଇଛେ ।

ସଂସଦ୍‌ର ମୌସୁମୀ ଅଧିବେଶନ		ଏନ୍‌ଏସ୍‌ଡି

ସଂସଦ୍‌ର ମୌସୁମୀ ଅଧିବେଶନ୍ ଆଘୋନୁ ଆଏଜ୍ କେନ୍ଦ୍ର ସର୍‌କାର୍ ସବୁ ରାଜନୈତିକ୍ ଦଲ୍‌ର ନେତାମାନ୍‌କର୍ ବୈଠକ୍ ଡାକିଛନ୍ । ବୈଠକ୍‌ଥି ସର୍‌କାର୍- ସଂସଦ୍‌ର ଦୁହି ଗୃହକେ ଠିକ୍ ଭାବେ ପରିଚାଲନା କର୍‌ବାର୍‌ଟାକେ ସୁନିଶ୍ଚିତ୍ କର୍‌ବାର୍ ଲାଗି ସବୁ ରାଜନୈତିକ୍ ଦଲର୍ ସହଯୋଗ୍ ମାଗ୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା କାଏଲ୍‌ନୁ ସଂସଦ୍‌ର ମୌସୁମୀ ଅଧିବେଶନ୍ ମୁଲ୍ ହେଇକରି ଅଗଷ୍ଟ **୧୩** ତାରିଖ୍‌ତକ୍ ଚାଲ୍‌ବା ।

ମୁଖ୍ୟମନ୍ତ୍ରୀ-ବାକ୍ ଶ୍ରବଣ ଶକ୍ତି ବାଧିତ ବାଳିକା/ଆର୍‌ଏନ୍‌ୟୁ ସମ୍ବଲପୁର

କେନ୍ଦୁଝର୍ ସେବା ଫାଉଣ୍ଡେସନ୍ ସଂଗଠନ୍‌ର ୫୦ ଝନ୍ ବାକ୍ ଶ୍ରବଣ ଶକ୍ତି ବାଧିତ ବାଳିକା ଆଉ ଦିବ୍ୟାଙ୍ଗ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କୁ ଗଲାକାଏଲ୍ ତାଙ୍କର୍ ସର୍‌କାରୀ ବାସଭବନ୍ ନ ଭେଟିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସଂଗଠନ୍‌ର କର୍ମକର୍ତା ଆଉ ବାଳିକା ମାନ୍‌କୁ ପରାମର୍ଶ ଦେଇକରି କହିଛନ୍, ରାଏଜେ ଥିବା

ଦିବ୍ୟାଙ୍ଗ ପିଲାମାନ୍‌କୁ ସର୍‌କାର୍‌ଙ୍କର୍ ତର୍‌ଫୁ ଘର୍ ଯୁଗେଇ ଦିଆଯିବା । ରାଜ୍ୟର୍ ଫି’ ଦିବ୍ୟାଙ୍ଗ ଭାଇ ବହେନ୍, ଯେନ୍ତା ସର୍‌କାରୀ ସୁବିଧା ସୁଯୋଗ୍ ପାଇପାର୍‌ବେ ସେଥିର୍‌ଲାଗି ସର୍‌କାର୍ ସବୁ ବ୍ୟବସ୍ଥା କରୁଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଶ୍ରୀମନ୍ଦିର ଅଲଙ୍କାର୍ ଗନ୍‌ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁରୀ ଶ୍ରୀମନ୍ଦିର୍ ନ ମାହାପୁରୁମାନ୍‌କର୍ ଶ୍ରୀଅଙ୍ଗଥି ବେଭାର୍ ହଉଥିବା ଆଉ ସ୍ନାନପୂନି ଦିନ ଓଲାଗି ହେଇଥିବା ଅଲଙ୍କାର୍ ମାନ୍‌କର୍ ଆଏଜ୍ ଗନ୍‌ତି କରାଯିବା । ସର୍‌କାର୍‌ଙ୍କର୍ ଏସ୍.ଓ.ପି. ଅନ୍‌ସାରେ ଦିନ୍‌କର୍ ଭିତ୍‌ରେ ଇ ଗନ୍‌ତି କାମ୍ ଶେଷ୍ ହେବା । ରତ୍ନଭଣ୍ଡାର ବାହାରପାଖ ଆଗ୍‌ଆଡ଼େ ଥିବା ଖଡ଼ଶେଯ ଘରେ ଇ ଅଲଙ୍କାର୍ ମାନ୍‌କର୍ ଗନ୍‌ତି ମନ୍‌ତି କରାଯିବା ବଲି ସୂଚ୍‌ନା ମିଲିଛେ । ହେଲେ ଭିତର ରତ୍ନଭଣ୍ଡାର୍ ନ ଥିବା ଅଲଙ୍କାର୍ ଆଉ ମୂଲ୍ୟବାନ୍ ସାମଗ୍ରୀ ମାନ୍‌କର୍ ଗନ୍‌ତି କାମ୍ ତାରିଖ୍ ଆଗ୍‌କେ ଶ୍ରୀମନ୍ଦିର୍ ପ୍ରଶାସନ୍ ସ୍ଥିର୍ କର୍‌ବା ବଲି ଜନାପଡ଼ିଛେ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ମେ ୨୩ ତାରିଖ୍‌ନୁ ଶ୍ରୀମନ୍ଦିର୍

ରତ୍ନଭଣ୍ଡାର୍ ଅଲଙ୍କାର୍ ମାନ୍‌କର୍ ଗନ୍‌ତି ମନ୍‌ତି କାମ୍ ସ୍ଥଗିତ୍ ରହିଛେ ।

ପୁରୀ ରଥଯାତ୍ରା- କ୍ରାଇମ୍‌ବ୍ରାଂଚ       ଆର୍‌ଏନ୍‌ୟୁ/ ସମ୍ବଲପୁର

ରଥଯାତ୍ରା ଅବ୍‌ସରେ ପୁରୀକେ ଆସୁଥିବା ଲାଖ୍ ଲାଖ୍ ଶ୍ରଦ୍ଧାଳୁ ମାନ୍‌କୁ ସାଇବର୍ ଠକ ମାନ୍‌କର୍‌ନୁ ବଂଚାବାର୍ ଲାଗି ଓଡ଼ିଶା ପୁଲିସ୍‌ର କ୍ରାଇମ ବ୍ରାଂଚ୍ ତର୍‌ଫୁ ପଦକ୍ଷେପ୍ ନିଆଯାଇଛେ । ହୋଟେଲ୍ ବୁକିଂ ଆଉ ପରିବହନ୍ ସେବା ନାଁଥି ହେଉଥିବା ଠକେଇକେ ରୁକ୍‌ବାର୍ ଲାଗି କ୍ରାଇମ୍‌ବ୍ରାଂଚ୍ ତର୍‌ଫୁ ମୋଟ୍ ଶହେ ୨୧ ଟା ନକ୍‌ଲି ହୋଟେ୍‌ଲ୍ ୱେବସାଇଟ୍ ଆଉ ୩୩ ଟା ନକ୍‌ଲି ହୋଟେଲ୍ ୱେବ୍‌ପେଜ୍‌କେ ଚିହ୍ନଟ୍ କରିକରି ବ୍ଲକ୍ କରାଯାଇଛେ । ଖାଲି ଅଫିସିଆଲ୍ ୱେବ୍‌ସାଇଟ୍ ଆଉ ଯାଂଚ୍ କରାଯାଇଥିବା ଆପ୍ ଜରିଏ ହୋଟେଲ୍ ଆଉ ଯାତ୍ରା ବୁକ୍ କର୍‌ବାର୍‌କେ କ୍ରାଇମ୍‌ବ୍ରାଂଚ୍ ତର୍‌ଫୁ ଭକ୍ତମାନ୍‌କୁ ସଚେତନ୍ କରାଯାଇଛେ ।

ଅନୁ ଗର୍ଗ-ବିଦ୍ୟୁତ୍ କମ୍ପାନୀ ସମୀକ୍ଷା       ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗ ରାଜ୍ୟର୍ ୪ ଟା ବିଦ୍ୟୁତ୍ ବିତରଣ କମ୍ପାନୀ-ଟି.ପି.ସି.ଓ.ଡି.ଏଲ୍, ଟି.ପି.ଏନ୍.ଓ.ଡି.ଏଲ୍., ଟି.ପି.ଏସ୍.ଓ.ଡି.ଏଲ୍. ଆର୍ ଟି.ପି.ଡବ୍ଲୁ.ଓ.ଡି.ଏଲ୍ ର ବୋର୍ଡ଼ ବୈଠକ୍‌ଥି ଅଧ୍ୟକ୍ଷତା କରିକରି ଭିନ୍ ଭିନ୍ କାମ୍‌ର ସମୀକ୍ଷା କରିଛନ୍ । ବୈଠକ୍‌ଥି ଅକ୍ଷୟ ଶକ୍ତିର୍ ବିକାଶ୍ ଲାଗି ପଦକ୍ଷେପ୍, ବିଦ୍ୟୁତ୍ ବିତରଣ୍ ଭିତିଭୂମିର୍ ସୁଦୃଢ଼ିକରଣ୍ ଆଉ ସ୍ମାର୍ଟ ମିଟରିଂ ଉପ୍‌ରେ ଖାସ୍ ଜୋର୍ ଦିଆଯାଇଥିଲା । ଆଏବା ଦିନେ ରାଜ୍ୟର୍ ସବୁ ସର୍‌କାରୀ ଅନୁଷ୍ଠାନ୍ ମାନ୍‌କେ ଥିବା ବିଦ୍ୟୁତ୍ ସଂଯୋଗ୍ ମାନ୍‌କୁ ପୋଷ୍ଟପେଡ଼୍ ନୁ ପ୍ରିପେଡ଼୍ ସ୍ମାର୍ଟ ମିଟର୍‌କେ ବଦ୍‌ଲାଯିବା । ଆଏବା ଅଗଷ୍ଟ ଶେଷ୍‌ତକ୍ ସବୁ ସର୍‌କାରୀ ଅନୁଷ୍ଠାନ୍ ନ ସ୍ମାର୍ଟ ମିଟର୍ ଲଗାଯିବା । ଯେନ୍‌ଥିର୍‌ଲାଗି ମାସିକ୍ ବିଜ୍‌ଲି ବିଲ୍‌ଥି ୪ ପ୍ରତିଶତ୍ ରିହାତି ମିଲ୍‌ବା ବଲି ବୈଠକ୍‌ନୁ ସୂଚ୍‌ନା ମିଲିଛେ ।

ଏଲ୍.ଏଲ୍.ବି. ପାଠ୍ୟକ୍ରମ୍ ନାଁଲେଖା        ଆର୍‌ଏନ୍‌ୟୁ/ ସମ୍ବଲପୁର

୩ ବଛ୍‌ରିଆ ଏଲ୍.ଏଲ୍.ବି. ପାଠ୍ୟକ୍ରମ୍‌ଥି ନାଁଲେଖାବାର୍ ଲାଗି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ବାହାରିଛେ । ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲ୍‌କେ ଯାଇକରି ଇ ପାଠ୍ୟକ୍ରମ୍ ଲାଗି ନିଜର୍ କମନ୍

ଆପ୍ଲିକେସନ୍ ଫର୍ମ ପୂରଣ୍ କରିପାର୍‌ବେ । ଅନ୍‌ଲାଇନ୍ ଫର୍ମ ଆବେଦନ୍ ଗଲାକାଏଲ୍‌ଠାନୁ ମୁଲ୍ ହେଇଥିବାର୍ ବେଲେ ଆଏବା ୩୦ ତାରିଖ୍ ରାତି ୧୧ ବାଜିକରି ୪୫ ମିନିଟ୍‌ତକ୍ ୱେବ୍‌ସାଇଟ୍ ଖୁଲା ରହେବା । ଅଗଷ୍ଟ ୬ ତାରିଖ୍ ଦିନ ପହେଲା ମେଧା ତାଲିକା ବାହାର୍‌ବା । ଇନ ଜନେଇ ଦିଆଯାଇପାରେ ଯେ, ଇ ପାଠ୍ୟକ୍ରମ୍ ଲାଗି ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ଥିବା ୪ ଟା ଶିକ୍ଷାନୁଷ୍ଠାନ୍‌ଥି ମୋଟ୍ ୩ ଶହ ୯୦ ଟା ସିଟ୍ ରହିଛେ ।

କ୍ୟାଚ୍ ଦ ରେନ୍ ଆର୍‌ଏନ୍‌ୟୁ/ କଟକ୍

କେନ୍ଦ୍ର ଗୃହ ଓ ସହରାଂଚଲ ବ୍ୟାପାର୍ ମନ୍ତ୍ରଣାଳୟ ତର୍‌ଫୁ ଅମୃତ ୨.୦ ଯୋଜନା ଅଧୀନଥି ସହରାଂଚଲ୍ ନ ବର୍ଷା ପାଏନ୍ ସଂରକ୍ଷଣ, ଭୂତଳ ଜଳ ପୁର୍ନଭରଣ, ଜଳାଶୟ ପୁନରୁଦ୍ଧାର ଆଉ ସ୍ଥାୟୀ ଜଳ ପରିଚାଳନା କ୍ଷେତ୍ରଥି ବହୁତ୍‌ଟେ ପଦକ୍ଷେପ ନିଆଯାଉଛେ । ପାଏନ୍ ସୁରକ୍ଷା ସୁନିଶ୍ଚିତ୍ କର୍‌ବାର୍ ଆଉ ଜଳ୍‌ବାୟୁ ପରିବର୍ତନ୍ ପରିସ୍ଥିତିର୍ ମୁକାବିଲା କର୍‌ବାର୍ ଇ କାର୍ଯ୍ୟକ୍ରମ୍‌ର ମୂଲ୍ ଲକ୍ଷ୍ୟ ଆଏ ।

୧୦-୨ ନମ୍ବର୍ ବୋର୍ଡ୍ ପରୀକ୍ଷା ଫଲ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼୍-ସିବିଏସ୍ଇ ତର୍ଫୁ ହେଇଥିବା ୧୦ ଶ୍ରେଣୀର ୨ ନମ୍ବର୍ ବୋର୍ଡ଼୍ ପରୀକ୍ଷା ଫଲ୍ ବାହାରିଛେ । ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀମାନ୍‌କର୍ ଭିତ୍‌ରୁ ୬୦ ପ୍ରତିଶତ୍ ଛାତ୍ରଛାତ୍ରୀଙ୍କର୍ ଇମ୍ପ୍ରୁଭ୍‌ମେଂଟ୍ ହେଇଛେ । ସେନ୍ତା ମୋଟ୍ ପରୀକ୍ଷାର୍ଥୀଙ୍କର୍ ଭିତ୍‌ରୁ ୯୬ ଦଶ୍‌ମିକ୍ ୭/୮ ପ୍ରତିଶତ୍ ଛାତ୍ରଛାତ୍ରୀ ପାସ୍ କରିଛନ୍ ।

ପାଣିପାଗ    ଆର୍‌ଏନ୍‌ୟୁ/ ସମ୍ବଲପୁର

ଲଘୁଚାପ୍ ବଲେ ଆଏଜ୍ ରାଜ୍ୟର୍ ୧୧ ଟା ଜିଲ୍ଲା ନ ବର୍ଷା ହେଇପାରେ । ହେଲେ ସମ୍ବଲପୁର, ବର୍‌ଗଡ଼୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ଼୍, କେନ୍ଦୁଝର୍, ମୟୁର୍‌ଭଞ୍ଜ୍ ଆର୍ ନୂଆପଡ଼ା ନ ଜବର୍ ବର୍ଷା ହେବା ବଲି ଭୁବନେଶ୍ୱର୍ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତର୍ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଉପକୂଳ ଓଡ଼ିଶା ଆଉ ଓଡ଼ିଶାର୍ ଦକ୍ଷିଣ ଭାଗ୍ ନ ପାଗ୍ ପାଖାପାଖି ଶୁଖା ରହିପାରେ । ଗଲାକାଏଲ୍ ମାଲ୍‌କାନ୍‌ଗିରି ନ ସବୁନୁ ଅଏତ୍‌କା ୨୨ ଦଶ୍‌ମିକ୍ ୪ ମିଲିମିଟର୍ ବର୍ଷା ରେକର୍ଡ଼ ହେଇଥିବାର୍ ବେଲେ ଟିଟିଲାଗଡ଼୍ ନ ୧୦

ମିଲିମିଟର୍ ଆଉ ବଲାଙ୍ଗିର୍ ନ ୫ ମିଲିମିଟର୍ ବର୍ଷା ରେକର୍ଡ଼ ହେଇଛେ ।